ACHIEVEMENTS

ଟ୍ରେଲି ମାଧ୍ୟମରେ ଲତାଜାତୀୟ ପନିପରିବା ଚାଷ କରନ୍ତୁ

OUAT Publication:
No. 2024030258

# ପ୍ଲାଷ୍ଟିକ୍ ବାକ୍ସ ମଧ୍ୟରେ କଙ୍କଡ଼ା ମେଦ ବୃଦ୍ଧି ପ୍ରକ୍ରିୟାର କ୍ଷେତ୍ର ପ୍ରଦର୍ଶନ

କଙ୍କଡ଼ା ଚାଷ ଏକ ଖୁବ୍ ଲାଭଦାୟକ ଚାଷ। ଏହି ଚାଷକୁ ଯଦି ଉଚିତ୍ ପ୍ରଣାଳୀ ଅବଲମ୍ବନ କରି କରାଯାଏ ତେବେ ଏଥିରୁ ପ୍ରଚୁର ପରିମାଣର ଲାଭ ମିଳିଥାଏ। କଙ୍କଡ଼ା ଚାଷ ପ୍ରଣାଳୀ ଗୁଡ଼ିକ ମଧ୍ୟରେ ସ୍ୱଳ୍ପ ସମୟରେ ନରମ ଖୋଳପାଯୁକ୍ତ କଙ୍କଡ଼ାର ମେଦବୃଦ୍ଧି (ଫେଟେନିଙ୍ଗ) ଚାଷ ପ୍ରଣାଳୀ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆଶାନୁରୂପକ ଓଜନ ହାସଲ କରିବା ସହିତ ଅଧିକ ଲାଭମିଳିଥାଏ। ମାତ୍ର ପୋଖରୀରେ କଙ୍କଡ଼ା ଚାଷ ଏବଂ ମେଦବୃଦ୍ଧି ପ୍ରକ୍ରିୟାରେ ସଦ୍ୟ ଖୋଳପା ଛାଡ଼ିଥିବା ନରମ କଙ୍କଡ଼ା ଅନ୍ୟ କଙ୍କଡ଼ା ଆକ୍ରମଣଜନିତ ମୃତ୍ୟୁ; ରୋଗ ଓ ପୋକ ସଂକ୍ରମଣ ତଥା ପୋଖରୀରୁ ସମୁଦାୟ କଙ୍କଡ଼ାର ଅମଳ ଆଦି ମୁଖ୍ୟ ଅସୁବିଧା ଯୋଗୁଁ ଚାଷୀକୁ ବହୁତ ଆର୍ଥିକ କ୍ଷତି ସହିବାକୁ ପଡୁଛି। ଏହିସବୁ ବିଷୟକୁ ଆଖିରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁର ତରଫରୁ ପ୍ଲାଷ୍ଟିକ୍ ବାକ୍ସ ମଧ୍ୟରେ କଙ୍କଡ଼ାର ମେଦବୃଦ୍ଧି ଚାଷ ନିମନ୍ତେ ଏକ ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରଣାଳୀରେ ଚାଷୀମାନଙ୍କୁ ପ୍ଲାଷ୍ଟିକ୍ ବାକ୍ସ ଯୋଗାଇ ଦେବା ସହିତ, ଭେଳା ମାଧ୍ୟମରେ ପୋଖରୀ ମଧ୍ୟରେ ପ୍ଲାଷ୍ଟିକ୍ ବାକ୍ସର ସ୍ଥାପନା, ସଠିକ୍ ନରମ କଙ୍କଡ଼ା ଚୟନ ଏବଂ ବାକ୍ସ ମଧ୍ୟରେ ଖାଦ୍ୟ ପରିଚାଳନା ଆଦି ବିଷୟରେ ଚାଷୀମାନଙ୍କୁ ଉପଯୁକ୍ତ ତାଲିମ ଦେବା ସହିତ ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରଦର୍ଶନୀରେ ଚାଷୀ ହଜାର ବାକ୍ସ ପ୍ରତି ପ୍ରାୟ ୫୨୦ କେଜି କଙ୍କଡ଼ା ଅମଳ କରି ଟ୧,୫୨,୦୦୦ଙ୍କା ଲାଭ କରିଥିଲେ ଏବଂ ବାକ୍ସ ମଧ୍ୟରେ କଙ୍କଡ଼ାର ଜୀବିତ ହାର ହାରାହାରି ୯୪ ପ୍ରତିଶତ ଓ ରୋଗ ସଂକ୍ରମଣ ୧୪ ପ୍ରତିଶତ ମଧ୍ୟରେ ସୀମିତ ରହିଥିଲା। ଅନ୍ୟପକ୍ଷରେ ଚାଷୀର ପାରମ୍ପାରିକ ମେଦବୃଦ୍ଧି ପ୍ରକ୍ରିୟାରେ ଜୀବିତ ହାର ପ୍ରାୟ ୬୮ ପ୍ରତିଶତ; ରୋଗ ସଂକ୍ରମଣ ହାର ୩୮ ପ୍ରତିଶତ ରହିଥିଲା ଏବଂ ଚାଷୀ ପ୍ରତି ହଜାର ବାକ୍ସ ପିଛା ୩୬୦ କେଜି କଙ୍କଡ଼ା ଆମଦାନୀ କରି ମାତ୍ର ଟ୭୮,୦୦୦ଙ୍କା ଲାଭ ପାଇଥିଲା। ଏହି ମେଦବୃଦ୍ଧି ପ୍ରକ୍ରିୟାରେ କଙ୍କଡ଼ାର ବୃଦ୍ଧି ଉତ୍ସାହଜନକ ଥିବାରୁ ସ୍ଥାନୀୟ ଚାଷୀମାନଙ୍କ ପାଖରେ ଭଲ ଆଦୃତ ହୋଇପାରିଛି।






## ବିଭିନ୍ନ ପ୍ରଦର୍ଶନୀରେ ଆମେ...


ମତ୍ସ୍ୟ ଓ ପ୍ରାଣୀସଂପଦ ମେଳା


କୃଷି ଓଡ଼ିଶା-୨୦୨୪



ପାଣିପଞ୍ଚାୟତ ପକ୍ଷ ପାଳନ


କୃଷି ଯାନ୍ତ୍ରିକ ମେଳା

This News letter is Printed, Published & Owned by Sr. Scientist and Head, KVK, Ganjam-II, Berhampur (Golanthara)
E-mail: kvk.ganjam2@ouat.ac.in, Website : www.kvkganjam2.org
Print & Design : Ankita Graphics, BBSR, Cell:9437077337, E-amil: saroj77337@gmail.com
**Editor: Dr. Sidhartha Sankar Das** **Chief Editor: Dr. Sujit Kumar Nath**





# କିଆଫୁଲ
# The Kiaphula

କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨
Krishi Vigyan Kendra, Ganjam-II




ଏକାଦଶ ବର୍ଷ ଦ୍ୱିତୀୟ ସଂଖ୍ୟା ଜୁଲାଇ-ଡିସେମ୍ବର ୨୦୨୩ | Vol. XI Issue-II July-Dec. 2023

## ମୁଖ୍ୟ ସଂପାଦକଙ୍କ କଲମରୁ...


ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ଗଞ୍ଜାମ ଜିଲ୍ଲାର ସାମଗ୍ରିକ ଅର୍ଥନୀତି ମୁଖ୍ୟତଃ କୃଷିଭିତ୍ତିକ। କୃଷିକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରିବା ନିମନ୍ତେ କୃଷି ଏବଂ ଅନ୍ୟାନ୍ୟ ଆନୁସଂଗିକ କ୍ଷେତ୍ରରେ ଦେଖା ଯାଇଥିବା ସମସ୍ୟାକୁ ଠିକ୍ ଭାବରେ ଆକଳନ କରି ସଠିକ୍ ପଦକ୍ଷେପ ନେବାରେ କୃଷି ବିଜ୍ଞାନ କେନ୍ଦ୍ର ସର୍ବଦା ତତ୍ପର। କୃଷି ବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁର, ଶସ୍ୟ, ଡାଲି, ତୈଳବୀଜ, ପନିପରିବା, ଉଦ୍ୟାନକୃଷି ଜାତୀୟ ଫସଲ ସହ ଗୋପାଳନ, ଛେଳି ପାଳନ, କୁକୁଡ଼ା ପାଳନ ଏବଂ ଛତୁଚାଷ ଆଦି କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନ କୌଶଳର ପ୍ରୟୋଗ ତଥା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ପଦକ୍ଷେପ ନେଇ ଆସୁଅଛି। ଗଞ୍ଜାମ ପରି ଜଳବାୟୁ ସମ୍ବେଦନଶୀଳ ଜିଲ୍ଲାରେ ସମନ୍ୱିତ କୃଷି ପ୍ରଣାଳୀକୁ ଲୋକପ୍ରିୟ କରିବା ସହିତ ଏହା ଅନେକ କୃଷିଭିତ୍ତିକ ସ୍ୱରୋଜଗାର କାର୍ଯ୍ୟକ୍ରମ ଗ୍ରହଣ କରି ଆସୁଅଛି। କୃଷିରେ ନିୟୋଜିତ ଜିଲ୍ଲାର ପଢୁଆ ଯୁବକ ଯୁବତୀମାନଙ୍କୁ ବିଭିନ୍ନ ସ୍ତରରେ ସମ୍ମାନିତ କରି ସମାଜରେ ତାଙ୍କର ମାନବୃଦ୍ଧି କିରିବା ସହ ସେମାନଙ୍କୁ ଉତ୍ସାହିତ କରିଛି କୃଷି ବିଜ୍ଞାନ କେନ୍ଦ୍ର। ବିଗତ ଛ'ମାସର କାର୍ଯ୍ୟାବଳୀରେ ପରିପୁଷ୍ଟ 'କିଆଫୁଲ'ର ଏହି ସଂସ୍କରଣ ଜିଲ୍ଲାର ସମସ୍ତ କୃଷିଜୀବୀ ମହିଳା, ପୁରୁଷ, କୃଷି ଅଧିକାରୀ ଏବଂ ଅନୁସନ୍ଧିତ୍ସୁଙ୍କ ଜ୍ଞାନର ବାର୍ତ୍ତାବହ ହେଉ, ଏହା ହିଁ କାମନା।

ସୁଜିତ୍ କୁମାର ନାଥ
(ସୁଜିତ୍ କୁମାର ନାଥ)

## ଆମ କୋଟିପତି ଚାଷୀ: ଆମ ଗୌରବ


**ସୁଶାନ୍ତ ପ୍ରଧାନ**
ଦୁବ, ଗଞ୍ଜାମ
ପୋଖରୀ ଭିତ୍ତିକ ସମନ୍ୱିତ କୃଷି
ମୋ: ୯୯୩୭୦୧୩୧୫୮
ବାର୍ଷିକ ଆୟ: ୨.୦ କୋଟି


**ସୁରେଶନ ବେହେରା**
ଛତ୍ରପୁର
ମାଛ ଜାଆଁଳ ଉତ୍ପାଦନକାରୀ
ମୋ: ୯୮୬୧୯୬୨୭୦୦
ବାର୍ଷିକ ଆୟ: ୧.୫ କୋଟି


**ଆଶିଷ କୁମାର ସୁବୁଦ୍ଧି**
ମାର୍ଥାପଲ୍ଲୀ, କୁକୁଡ଼ାଖଣ୍ଡି
ପୋଖରୀ ଭିତ୍ତିକ ସମନ୍ୱିତ କୃଷି
ମୋ: ୮୮୬୧୩୦୩୪୧୮
ବାର୍ଷିକ ଆୟ: ୧.୦ କୋଟି


**ଉଦ୍ଧବ ପାତ୍ର**
ବାଲିପଡ଼ା, କୁକୁଡ଼ାଖଣ୍ଡି
ପୋଖରୀଭିତ୍ତିକ ସମନ୍ୱିତ କୃଷି
ମୋ: ୯୪୩୮୪୬୯୨୧୭
ବାର୍ଷିକ ଆୟ: ୭୦ ଲକ୍ଷ

## ବାଇଗଣ ଫସଲରେ ଓୟୁଏଟି କନ୍‌ସୋର୍ଟିଆ ଜୀବାଣୁସାର ପ୍ରୟୋଗର ଆଗୁଆ ଆଡ଼ି କ୍ଷେତ୍ର ପ୍ରଦର୍ଶନ

ଗଞ୍ଜାମ ଜିଲ୍ଲାରେ ପ୍ରାୟ ୫୪୦୦ ହେକ୍ଟର ଜମିରେ ବାଇଗଣ ଚାଷ ହୋଇଥାଏ। ଏହାର ଉତ୍ପାଦନ ବୃଦ୍ଧି କରିବା ପାଇଁ କୁକୁଡ଼ାଖଣ୍ଡି ବ୍ଲକ୍‌ର ମେଦିନିପୁର, ପାତ୍ରପୁର ବ୍ଲକ୍‌ର ଖରଣିପଡ଼ା ଓ ରଙ୍ଗେଇଲୁଣ୍ଡା ବ୍ଲକ୍‌ର ଚିକରଡ଼ା ଗ୍ରାମରେ ଖରିଫ ଋତୁରେ ବାଇଗଣ ଫସଲରେ ଓୟୁଏଟି କନ୍‌ସୋର୍ଟିଆ ଜୀବାଣୁସାର ପ୍ରୟୋଗର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ କୃଷି ବିଜ୍ଞାନକେନ୍ଦ୍ର, ବ୍ରହ୍ମପୁର ତରଫରୁ କରାଯାଇଥିଲା। ଏଥିରେ ମାଟି ପରୀକ୍ଷାଭିତ୍ତିକ ଯବକ୍ଷାରଜାନ, ଫସଫରସ୍, ପଟାସ୍ ସହିତ ଓୟୁଏଟି କନ୍‌ସୋର୍ଟିଆ ଜୀବାଣୁସାର ହେକ୍ଟର ପିଛା ୧୨ କି.ଗ୍ରା ପ୍ରୟୋଗ କରାଯାଇଥିଲା। ଏହାଦ୍ୱାରା ଅମଳ ହେକ୍ଟର ପିଛା ୨୩୯.୨ କ୍ୱିଣ୍ଟାଲ ଓ ଲାଭ ୨,୮୭,୩୫୦ ଟଙ୍କା



ମିଳିଥିଲା। ଚାଷୀ କ୍ଷେତ୍ରରେ ହେକ୍ଟର ପିଛା ଅମଳ ୧୮୬.୪ କ୍ୱିଣ୍ଟାଲ ଓ ଏଥିରୁ ଲାଭ ୧,୯୬,୯୫୦ ଟଙ୍କା ମିଳିଥିଲା। ଏହି ଜୀବାଣୁ ସାରର ବ୍ୟବହାର ଚାଷୀମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା।

## ନୂତନ କିସମର ମାଣ୍ଡିଆ-ଅର୍ଜୁନର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ



ଖରିଫ୍ ଋତୁରେ ଗଞ୍ଜାମ ଜିଲ୍ଲାରେ ପାଖାପାଖି ୧୮୫୦୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇଥାଏ। ଗଞ୍ଜାମ ଜିଲ୍ଲାରେ ମାଣ୍ଡିଆର ଦେଶୀ କିସମର ଅଧିକ ଚାଷ ହୁଏ କିନ୍ତୁ ଏହାର ଉତ୍ପାଦିକତା ଅଧିକ ନୁହେଁ। ତେଣୁ କୃଷି ବିଜ୍ଞାନ କେନ୍ଦ୍ର ବ୍ରହ୍ମପୁର ପକ୍ଷରୁ କୁସୁମି ଓ ଚିକରଡ଼ା ଗ୍ରାମରେ ନୂତନ କିସମ-ଅର୍ଜୁନର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ଉକ୍ତ କ୍ଷେତ୍ର ପ୍ରଦର୍ଶନରେ ଅମଳ ହେକ୍ଟର ପିଛା ୧୮.୫ କ୍ୱିଣ୍ଟାଲ ହୋଇଥିବାବେଳେ ଚାଷୀ କ୍ଷେତ୍ରରେ ଅମଳ ୧୨.୪ କ୍ୱିଣ୍ଟାଲ ହୋଇଥିଲା ଯାହାଦ୍ୱାରା ଚାଷୀମାନେ ବହୁତ ଖୁସି ହୋଇଥିଲେ।

## ଅମୃତଭଣ୍ଡା ଫସଲରେ ସାହେବୀ ରୋଗ ପରିଚାଳନାର କ୍ଷେତ୍ର ପରୀକ୍ଷଣ

ଗଞ୍ଜାମ ଜିଲ୍ଲାରେ ପ୍ରାୟ ୪୨୦ ହେକ୍ଟର ଜମିରେ ଅମୃତଭଣ୍ଡା ଚାଷ କରାଯାଇଥାଏ। କିନ୍ତୁ ସାହେବୀ ରୋଗର ପ୍ରାଦୁର୍ଭାବ ଯୋଗୁଁ ଚାଷୀମାନେ ଅନେକ କ୍ଷତି ସହିଥାନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁର ତରଫରୁ ହିଞ୍ଜିଳିକାଟୁ ବ୍ଲକ୍‌ର ରାଳବ ଗ୍ରାମରେ ଅମୃତଭଣ୍ଡା ଫସଲରେ ସାହେବୀ ରୋଗ ପରିଚାଳନା ଉପରେ କ୍ଷେତ୍ର ପରୀକ୍ଷଣ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଚାଷୀମାନଙ୍କ ଦ୍ୱାରା ରୋଗ ନିୟନ୍ତ୍ରଣ ନିମନ୍ତେ ଥାୟୋମେଥୋକ୍ସାମ ଓ ହଳଦିଆ ଅଠାଯନ୍ତା ବ୍ୟବହୃତ ହୋଇଥିଲା। ଆଉ ଏକ ଜ୍ଞାନକୌଶଳରେ ଫିପ୍ରୋନିଲ୍, ଆଜାଡିରାକ୍ଟିନ୍, ଫ୍ଲୋନିକାମାଇଡ୍, ହଳଦିଆ ଅଠା ଯନ୍ତା ବ୍ୟବହୃତ



ହୋଇଥିଲା। ଏହି ଜ୍ଞାନକୌଶଳ ଫଳରେ ସାହେବୀ ରୋଗ ଶତକଡ଼ା ୮୪ ଭାଗ ନିୟନ୍ତ୍ରଣ ହୋଇଥିବା ବେଳେ ପ୍ରଥମ ଜ୍ଞାନକୌଶଳରେ ଶତକଡ଼ା ୬୨ଭାଗ ନିୟନ୍ତ୍ରଣ ହୋଇଥିଲା।

## ସମ୍ଭାବ୍ୟ ମରୁଡ଼ି ପରିସ୍ଥିତି ମୁକାବିଲା ନିମନ୍ତେ କର୍ମଶାଳା

ଜଳବାୟୁ ପରିବର୍ତ୍ତନ ଯୋଗୁଁ ଚାଷ କାର୍ଯ୍ୟ ପ୍ରଭାବିତ ହେଉଛି, ବିଶେଷ କରି ଉପକୂଳବର୍ତ୍ତୀ ଅଞ୍ଚଳରେ ଏହାର ପ୍ରଭାବ ଅଧିକ ଅନୁଭୂତ ହେଉଛି। ଚଳିତବର୍ଷ ଗଞ୍ଜାମ ଜିଲ୍ଲାର ସାନଖେମୁଣ୍ଡି, ଦିଗପହଣ୍ଡି, ଚିକିଟି, ପାତ୍ରପୁର ଆଦି ବ୍ଲକ୍‌ରେ ନିଅଣ୍ଟିଆ ବର୍ଷା ଯୋଗୁଁ ଉତ୍ପନ୍ନ ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବିଭିନ୍ନ ବ୍ଲକ୍‌ରେ ତୃଣମୂଳ ସ୍ତରର କୃଷି ଓ ଆନୁସଙ୍ଗିକ କୃଷିରେ ନିୟୋଜିତ ଥିବା ଅଧିକାରୀ, ଗ୍ରାମସେବକ, କୃଷକସାଥୀ ଏବଂ ଅଗ୍ରଣୀ ଚାଷୀମାନଙ୍କୁ ନେଇ ସମ୍ଭାବ୍ୟ ମରୁଡ଼ି ପରିସ୍ଥିତିରେ ମୁକାବିଲା ଏବଂ ଜଳବାୟୁ ସହନଶୀଳ କୃଷି ଉପରେ ଦୁଇଟି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ପୌରହିତ୍ୟ କରିବା ସହିତ କେନ୍ଦ୍ରରେ କାର୍ଯ୍ୟରତ ବୈଜ୍ଞାନିକମାନେ ସ୍ୱଳ୍ପ ଓ ସୀମିତ ପରିବେଶରେ ବିଭିନ୍ନ ଅଣଧାନ ଫସଲ, କୃଷିରେ ଯାନ୍ତ୍ରିକିକରଣ, ଆଧୁନିକ କୃଷି, ମୃତ୍ତିକା ପରିଚାଳନା, ସମନ୍ୱିତ ଖାଦ୍ୟସାର ଓ ରୋଗପୋକ ପରିଚାଳନା ବିଷୟରେ ଆଲୋଚନା କରିଥିଲେ। ପ୍ରତିକୂଳ ପରିସ୍ଥିତିରେ କୃଷି କାର୍ଯ୍ୟରୁ ଲାଭ ପାଇବାକୁ ହେଲେ ନୂତନ ପଦ୍ଧତିରେ ଚାଷ, ଜଳ ସଂରକ୍ଷଣ ସହ କୁକୁଡ଼ା ପାଳନ, ମହୁମାଛି ପାଳନ, ଛତୁଚାଷ ଆଦି ଅଣଫସଲ କୃଷି ଭିତ୍ତିକ ରୋଜଗାର ପନ୍ଥାକୁ ଆପଣେଇବାକୁ ପଡ଼ିବ ବୋଲି ସହମତ ପ୍ରକାଶ ପାଇଥିଲା। ସାନଖେମୁଣ୍ଡି ଓ ଚିକିଟି ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଦୁଇ କର୍ମଶାଳାକୁ ଦିଗପହଣ୍ଡି ଓ ବ୍ରହ୍ମପୁର ଜିଲ୍ଲା କୃଷି ଅଧିକାରୀ ଦ୍ୱୟ ପରିଚାଳନା କରିଥିଲେ।




## ଯୁବ କୃଷି ବୈଜ୍ଞାନିକ (ARS) ମାନଙ୍କର ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



କୃଷି ବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁର ଆନୁକୂଲ୍ୟରେ ଜାତୀୟ କୃଷି ଅନୁସନ୍ଧାନ ପରିଚାଳନାର ୧୧୩ତମ ବ୍ୟାଚ୍‌ର ଯୁବ କୃଷି ବୈଜ୍ଞାନିକ (ARS) ମାନଙ୍କର ୧୯ ଦିନ ବ୍ୟାପୀ କ୍ଷେତ୍ର ଅଭିଜ୍ଞତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମାପ୍ତ ହୋଇଯାଇଛି। ଏହି କ୍ଷେତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୃଷି ଓ ଆନୁସଂଗିକ କୃଷି ବିଷୟର ୬ଜଣ ଯୁବ ବୈଜ୍ଞାନିକ (ARS) ଯୋଗଦେଇ କୃଷି ବିଜ୍ଞାନ କେନ୍ଦ୍ରର ପୋଷ୍ୟଗ୍ରାମ କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ମେଦିନିପୁର ଗ୍ରାମରେ ନିଜର ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂପାଦନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ; ବୈଜ୍ଞାନିକମାନଙ୍କ ସହଯୋଗରେ ମେଦିନିପୁର ଗ୍ରାମର ଜନସଂଖ୍ୟା, କୃଷି ଓ ଆନୁସଂଗିକ କୃଷି, ଜୀବିକା, ବିଭିନ୍ନ ଉତ୍ସମାନଙ୍କର ବିଶ୍ଳେଷଣ କରି ଗ୍ରାମର ସାମାଜିକ, ଆର୍ଥିକ ତଥା କୃଷିର ଉନ୍ନତି ଉପରେ ଏକ ବିସ୍ତୃତ ସନ୍ଦର୍ଭ ପ୍ରସ୍ତୁତ କରି ଉପସ୍ଥାପନା କରିଥିଲେ। ଏଥିସହିତ କୃଷି ବିଜ୍ଞାନକେନ୍ଦ୍ର ତତ୍ତ୍ୱାବଧାନରେ ଦୁଇଟି କୃଷକ ଉତ୍ପାଦକ ସଙ୍ଘମାନଙ୍କ ସହିତ ଯୁବ ବୈଜ୍ଞାନିକମାନେ ନିଜର ଅଭିଜ୍ଞତା ଆଦାନପ୍ରଦାନ କରିବା ସହିତ, କୃଷିର ବଜାରୀକରଣ ଉପରେ ଏକ ରିପୋର୍ଟ ମଧ୍ୟ ପ୍ରସ୍ତୁତ କରିଥିଲେ। ୧୯ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ନାର୍ମ, ହାଇଦ୍ରାବାଦର ବରିଷ୍ଠ ବୈଜ୍ଞାନିକ ଡ. ଭେଙ୍କଟେଶ ତତ୍ତ୍ୱାବଧାରକ ଭାବେ ଯୋଗ ଦେଇଥିଲେ ଏବଂ ଆମ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ନାବାର୍ଡ ଅଧିକାରୀମାନଙ୍କ ପରିଭ୍ରମଣ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କୃଷି ବିଜ୍ଞାନ କେନ୍ଦ୍ରରେ ରାଜ୍ୟ ନାବାର୍ଡର ତ୍ରୈମାସିକ ସଂରଞ୍ଜନା ମିଟ୍ ସହିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟର ସବୁ ଜିଲ୍ଲାର ଜିଲ୍ଲା ବିକାଶ ପ୍ରବନ୍ଧକମାନଙ୍କ ସହିତ ନାବାର୍ଡର ରାଜ୍ୟ ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ସୁଧାଂଶୁ କେ.କେ. ମିଶ୍ର ଯୋଗଦେଇ ରାଜ୍ୟର କୃଷି ଓ କୃଷକ ମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କ୍ ତରଫରୁ ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟର ଉପ-ମହାପ୍ରବନ୍ଧକ ଡ. ସମୀର ସାମନ୍ତରାୟ ଓ ଶ୍ରୀ ଜୟନ୍ତ ସାମଲ ଉପସ୍ଥିତ ରହି ବିକାଶ ପ୍ରବନ୍ଧକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସମସ୍ତ ଅଧିକାରୀଗଣ କୃଷି ବିଜ୍ଞାନ କେନ୍ଦ୍ରର ବୈଷୟିକ ପ୍ରଦର୍ଶନ କ୍ଷେତ୍ରମାନ ବୁଲି ଅଭିଜ୍ଞତା ଲାଭ କରିଥିଲେ। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟଙ୍କ ସହି ଅନ୍ୟାନ୍ୟ



ବୈଜ୍ଞାନିକମାନେ ସେମାନଙ୍କୁ କେନ୍ଦ୍ରର ପୋଷ୍ୟ ଛତୁଗ୍ରାମ ରାଧାମୋହନପୁର ପରିଭ୍ରମଣ କରିଥିଲେ।